This Question Paper consists of 11 questions and 8 printed pages.

ଏହି ପ୍ରଶ୍ନପତ୍ରରେ ମୋଟ **11** ଟି ପ୍ରଶ୍ନ ଅଛି ଏବଂ **8** ମୁଦ୍ରିତ ପୃଷ୍ଠା ଅଛି ।

Roll No.
ରୋଲ୍ ନଂ.

| | | | | | | | | | | | |
|---|---|---|---|---|---|---|---|---|---|---|---|
| | | | | | | | | | | | |

Code No. 68/S/O/O
କୋଡ୍ ନମ୍ବର

Set / ସେଟ୍ - A

# ODIA
# (ଓଡ଼ିଆ)
# (233)

Day and Date of Examination
(ପରୀକ୍ଷାର ଦିନାଙ୍କ ଓ ତାରିଖ) ______________________

Signature of Invigilators
(ନିରୀକ୍ଷକଙ୍କ ସ୍ୱାକ୍ଷର)

1. ______________________

2. ______________________

**ସାଧାରଣ ନିର୍ଦ୍ଦେଶାବଳୀ :**

1 ସମସ୍ତ ପ୍ରଶ୍ନର ଉତ୍ତର ତୁମକୁ ଦିଆଯାଇଥିବା ଉତ୍ତର ପୁସ୍ତିକାରେ ଦେବାକୁ ହେବ ।

2 ପ୍ରଶ୍ନପତ୍ର ପଢ଼ିବା ପାଇଁ **15** ମିନିଟ୍ ସମୟ ଦିଆଯାଇଛି । **02.15** p.m. ରେ ପ୍ରଶ୍ନପତ୍ର ବଣ୍ଟନ କରାଯିବ । **02.15** p.m. ରୁ **02.30** p.m., ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ର ପଢ଼ିବେ ଏବଂ ଏହି ସମୟ ମଧ୍ୟରେ ଉତ୍ତର ପୁସ୍ତିକାରେ ଉତ୍ତର ଲେଖିବେ ନାହିଁ ।

3 ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

4 ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ ।

5 ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

6 ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

7 ପ୍ରଶ୍ନପତ୍ରର କୋଡ୍ ନମ୍ବର **68/S/O/O, ସେଟ୍ - A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।



UNNATI EDUCATIONS
For Solutions, Contact Us
9899436384, 9654279279

# ODIA

## (ଓଡ଼ିଆ)

## (233)

ସମୟ : **3** ଘଣ୍ଟା ]                                                                 [ ପୂର୍ଣ୍ଣ ସଂଖ୍ୟା : **100**

**ନୋଟ୍ :** (i) **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ୍) ସୂଚିତ ହୋଇଛି ।

---

**1** ସମସ୍ତ ପ୍ରଶ୍ନର ଉତ୍ତର ଲେଖ । **1×20 =20**

(କ) ମୋର ବିଶ୍ୱାସ, ଭାରତ ସ୍ୱାଧୀନତାର ପ୍ରଥମ ସୂତ୍ରପାତ ହେଲା ________ ମସିହାର ସ୍ୱାଧୀନତା ସଂଗ୍ରାମରେ ।

(i) ୧୮୫୭ (ii) ୧୮୫୮

(iii) ୧୮୫୯ (iv) ୧୮୬୦

(ଖ) କେଉଁଟି ଦୁରପାହାଡ଼ ଏକାଙ୍କିକାର ଏକ ଚରିତ୍ର ନୁହେଁ?

(i) ବିମଳ (ii) ହରେନ୍ଦ୍ର

(iii) ବୀଣା (iv) ସରସ୍ୱତୀ

(ଗ) 'ଆଲୋ ଏ ଜଣେ ଲେଖକ' – କିଏ କାହାକୁ କହିଥିଲେ?

(i) ଦେବାନ୍ ଆଭାକୁ (ii) ବିଜ୍ଞାନ ଅଧ୍ୟାପକ ଦେବାନ୍‌ଙ୍କୁ

(iii) କଂଗ୍ରେସ କର୍ମୀ ପୁଞ୍ଜିପତିଙ୍କୁ (iv) କଂଗ୍ରେସ କର୍ମୀ ବିଜ୍ଞାନ ଅଧ୍ୟାପକଙ୍କୁ

(ଘ) 'ତ୍ରିପୁର' ବୋଲି କବି କାହାକୁ କହିଛନ୍ତି?

(i) ତିନୋଟି ଗାଁକୁ (ii) ଗୋଟିଏ ନାମ

(iii) ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ (iv) ଅତୀତ, ବର୍ତ୍ତମାନ, ଭବିଷ୍ୟତ

(ଙ) 'ଅଗ୍ନି' ନିମିତ୍ତ ଆମେ ________ ବାହାର କରିଛୁ?

(i) ଏସ୍.ଏଲ୍.ଭି ୩ (ii) କାଳିପରଶା

(iii) ପୃଥିବୀ ବାହୁଡ଼ା ଯାନ (iv) ଫ୍ଲୋରିଆକସନ୍-ଅର୍ଥୋସିସ୍



UNNATI EDUCATIONS
For Solutions, Contact Us
9899436384, 9654279279

(ଚ) ପିଲାଦିନେ ବାସୁଦେବଙ୍କୁ ପିଡୁଳା ରୋଗ ହୋଇଥିଲା, ସେଥିପାଇଁ ତାଙ୍କ ମାଆ କ'ଣ କରିଥିଲେ?

(i) ମୁଣ୍ଡରେ ଚିତା ଚିହ୍ନ ଦେଇଥିଲେ

(ii) ତା' ମୁଣ୍ଡରେ ତତଲା ବୋତଲ ମୁହଁ ଚିହ୍ନ ଦେଇ ଥିଲେ

(iii) ବୋତଲ ମୁହଁ ଚିହ୍ନ ଦେଇଥିଲେ

(iv) ବୋତଲ ଠିପିକୁ ତତାଇ ଚିହ୍ନ ଦେଇଥିଲେ

(ଛ) ଅଗସ୍ତିଙ୍କର ପାଦକୁ କାହା ସହିତ ତୁଳାନା କରାଯାଇଛି?

(i) ପଦ୍ମ (ii) କଠଉ

(iii) ଗୋଲାପ ଫୁଲ (iv) ମନ୍ଦାର ଫୁଲ

(ଜ) 'ମାଟିର ସେହି ସରଗ ମୋର' ବୋଲି କବି କାହାକୁ କହିଛନ୍ତି?

(i) ନିଜ ଘରକୁ (ii) ନିଜର ଗାଁକୁ

(iii) ନିଜର ଦେହକୁ (iv) ନିଜର ପଡ଼ୋଶୀମାନଙ୍କୁ

(ଝ) ଗାଢ଼ ଅନ୍ଧାରକୁ କବି କାହା ସହିତ ତୁଳନା କରିଛନ୍ତି?

(i) କଜ୍ଜ୍ୱଳ (ii) କଳାଶାଢ଼ୀ

(iii) କଳା ପଥର (iv) କଳାପକ୍ଷୀ

(ଞ) ଗୋଟିଏ ବିଷୟକୁ କିପରି ପରୀକ୍ଷା କରାଯାଇପାରେ?

(i) ପାଣ୍ଡିତ୍ୟ ଦ୍ୱାରା (ii) ସାଧାରଣ ଜ୍ଞାନ ଦ୍ୱାରା

(iii) ଯୁକ୍ତି ଦ୍ୱାରା (iv) ବିବେକ ଦ୍ୱାରା

(ଟ) ଲେଖକ କାହାକୁ 'ଗୋଠ ଖଣ୍ଡିଆ' ବୋଲି କହିଛନ୍ତି?

(i) ନିଜକୁ (ii) ଗ୍ରାମବାସୀଙ୍କୁ

(iii) ନିଜର ପଡ଼ୋଶୀଙ୍କୁ (iv) ନିଜର ଭାଇମାନଙ୍କୁ

(ଠ) ଚାଷୀ ଯୁବକଟି କେଉଁଠି ବିଶ୍ରାମ ନେଉଥିଲା?

(i) ଏକ କୁଡ଼ିଆରେ (ii) ଦାଣ୍ଡ ପିଣ୍ଡାରେ

(iii) ଏକ ଖଟ ଉପରେ (iv) କେଉଁଠାରେ ନୁହେଁ

(ଡ) ଲେଖକଙ୍କ ମତରେ 'ନାକଘୁଷୁରିବା' ଅର୍ଥ __________ ।

(i) ନାକ ମାଟିରେ ଘଷିବା (ii) ଅସହାୟ ଲୋକ ମୂଲଲାଗି ପେଟ ପୋଷିବା

(iii) ହାତରେ ନାକକୁ ଘଷିବା (iv) ନାକ କଟିଯିବା



UNNATI EDUCATIONS
For Solutions, Contact Us
9899436384, 9654279279

(ଢ) ଯାଜପୁରଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବା ନାଗାବଳୀ ପର୍ବତ ପର୍ଯ୍ୟନ୍ତ ଅଞ୍ଚଳର ନାମ କ'ଣ ଥିଲା?

(i) କଳିଙ୍ଗ (ii) ଉତ୍କଳ

(iii) ଉଡ୍ଡିୟାନ (iv) ରାଢ଼

(ଣ) ଆଷାଢ଼ ଆକାଶରେ ବିଜୁଳି ସାପ ପରି ଜିଭ ଲହଲହ କରେ, କାରଣ କ'ଣ?

(i) ବିଜୁଳି ସାପଭଳି ହଠାତ୍ ଦେଖାଦିଏ

(ii) ବିଜୁଳି ହଠାତ୍ ଦେଖାଦେଇ ପୁଣି ବରଷାରେ ଲିଭିଯାଏ

(iii) କଳାହାଣ୍ଡିଆ ବଉଦ ମେଳରେ ବିଜୁଳି ଜିଭ ଲହଲହ କରୁଥିବା ସାପଭଳି ସୁନ୍ଦର ଅଥଚ ଭୟଙ୍କର ଦିଶେ

(iv) ବିଜୁଳି ସାପପରି ଅଙ୍କାବଙ୍କା ହୋଇ ଦେଖାଦିଏ

(ତ) 'ତ୍ରିବେଣୀ' କହିଲେ କ'ଣ ବୁଝ?

(i) ରାଜକନ୍ୟାର ମୁଣ୍ଡର ତିନୋଟି ବେଣୀ (ii) ତିନୋଟି ନଦୀର ସଙ୍ଗମ ବା ମିଳନ ସ୍ଥଳୀ

(iii) ତିନୋଟି ବେଣୀ (iv) ତ୍ରିବେଣୀ ଘାଟ

(ଥ) ଅମୃତ ସଙ୍ଗରେ କିଏ ମିତ୍ର ହୋଇଚି ବୋଲି କବି କହୁଛନ୍ତି?

(i) ସରୋବରର ମଧୁର ଜଳ

(ii) ସରୋବରର ଲାଲ ପଦ୍ମ

(iii) ସରୋବର ଉପରେ ପଡ଼ିଥିବା ଶୀତଳ ଚନ୍ଦ୍ର କିରଣ

(iv) ସରୋବର ଜଳ ଉପରେ ପଡୁଥିବା ପାଖ ବୃକ୍ଷର ଛାୟା

(ଦ) ଚକୁଳିଆ ପଣ୍ଡା ପରିବାରରେ କେତେ ଜଣ ଲୋକ ଥିଲେ?

(i) ଚକୁଳିଆ ପଣ୍ଡା ଓ ତା'ର ସ୍ତ୍ରୀ (ii) ଚକୁଳିଆ ପଣ୍ଡା ଓ ତା'ର ମାଆ

(iii) ଚକୁଳିଆ ପଣ୍ଡା ଓ ତା'ର ଭାଇ (iv) ଚକୁଳିଆ ପଣ୍ଡା ଓ ତା'ର ବାପାମାଆ

(ଧ) ପରୀକ୍ଷିତ ରାଜା କିଏ?

(i) ଜଣେ ସାଧାରଣ ଲୋକ (ii) ହସ୍ତିନାର ରାଜା

(iii) ଜଣେ ମୁନି (iv) ଗୋପପୁରର ରାଜା

(ନ) 'ମୁଣ୍ଡ ଛିଡ଼ଇ' - ଏହି ଶବ୍ଦର ଅର୍ଥ ଲେଖ ।

(i) ମୁଣ୍ଡ ଛାଡ଼ିଯାଏ । (ii) ମୁଣ୍ଡ ପଡ଼ିଯାଏ

(iii) ମୁଣ୍ଡ ଛିଣ୍ଡିଯାଏ (iv) ମୁଣ୍ଡ ପୋଡ଼ିଯାଏ



UNNATI EDUCATIONS
For Solutions, Contact Us
9899436384, 9654279279

2 ସମସ୍ତ ପ୍ରଶ୍ନର ଉତ୍ତର ଦିଅ 1×5=5

(କ) (i) ଅଗସ୍ତିଙ୍କ ପାଦକୁ କାହା ସହିତ ତୁଳନା କରାଯାଇଛି ?

(ii) ସଚ୍ଚିଦାନନ୍ଦ ରାଉତରାୟଙ୍କ ଲିଖିତ ଏକ କବିତାର ନାମଲେଖ ।

(iii) କାହାମୁହଁ କାତିଠାରୁ ଅଧିକ ଦାଢ଼ୁଆ ?

(iv) ଶ୍ରୀମଦ୍‌ଭାଗବତର ରଚୟିତା କିଏ ?

(v) ବିମଳବାବୁ ବୀଣାଦେବୀଙ୍କ ଉପରେ କାହିଁକି ରାଗିଲେ ?

(ଖ) ଅନୁଚ୍ଛେଦଟି ପାଠକରି ନିର୍ଦ୍ଦେଶ ମୁତାବକ ଉତ୍ତର ଦିଅ । 1×2=2

ଓଡ଼ିଶା ବୋଇଲେ ଏକ୍ଷେତ୍ରରେ ବୁଝିବାର ଅଛି ଏବର ଓଡ଼ିଶା । ଏବର ଓଡ଼ିଶାଟି ତିନୋଟି ଅଞ୍ଚଳର ସମ୍ମିଶ୍ରଣ, ସେଥିରୁ ଗୋଟିଏ ହେଉଛି ଉତ୍ତରକୁ ଉତ୍କଳ, ଏହା ପ୍ରାଚୀନକାଳରେ ଯାଜପୁର ଠାରୁ ରାଢ଼ ଆଡ଼କୁ, ଏହାର ସଂସ୍କୃତି ବଙ୍ଗ ସଂସ୍କୃତି ସଂଗେ ପ୍ରାୟ ସମାନ । ଅତି ପ୍ରାଚୀନ କାଳରୁ ଏଠାରେ ଭୌମମାନେ ଦକ୍ଷିଣକୁ ଦେଶ ଜିତି ଯାଇଥିଲେ, ଓଡ଼ିଆ ଅକ୍ଷର ଓ ଉଚ୍ଚାରଣ ପ୍ରଭୃତି ବହୁ ପରିମାଣରେ ସେଇକାଳୁ ବଙ୍ଗଳା ଅକ୍ଷର ଓ ଉଚ୍ଚାରଣ ସଂଗେ ସମାନ ।

(i) ଏବର ଓଡ଼ିଶା କେତୋଟି ଅଞ୍ଚଳର ସମ୍ମିଶ୍ରଣ ?

(ii) ଏହାର ଉତ୍ତରପଟ ଅଞ୍ଚଳକୁ କ'ଣ କୁହାଯାଉଥିଲା ?

(ଗ) ଶୂନ୍ୟସ୍ଥାନ ପୂରଣ କର ।

ଏହାର ସଂସ୍କୃତି ___________ ସଂସ୍କୃତିସହ ପ୍ରାୟ ସମାନ ।

(ଘ) 'କ'ସ୍ତମ୍ଭରେ କେତୋଟି ଶବ୍ଦ ସହ 'ଖ'ସ୍ତମ୍ଭରେ ଏହାର ଅର୍ଥ ସହ ମିଳାଅ ।

| 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ | |
|---|---|---|---|
| ୧. | ଉଦର | କ. | ନାମଜାଦା |
| ୨. | ନାଉଁଆ | ଖ. | ମୋକଦ୍ଦମା |
| ୩. | ମାମଲା | ଗ. | ବ୍ୟତିବ୍ୟସ୍ତ |
| ୪. | ଉଚ୍ଛନ୍ନ | ଘ. | ପେଟ |



UNNATI EDUCATIONS
For Solutions, Contact Us
9899436384, 9654279279

3 ସମସ୍ତ ପ୍ରଶ୍ନର ଉତ୍ତରଲେଖ । 1×5=5

(କ) ଆଦିମାନବ ତାର ତଥ୍ୟ ଓ ସୂଚନା ବିଦ୍ୟା କିପରି ପ୍ରସାରିତ କରୁଥିଲା ?

(ଖ) ନିଷାଦ ସଂସ୍କୃତି କେଉଁଠାରୁ ଭାରତ ଆସିଥିଲା ?

(ଗ) ବିପରୀତ ଶବ୍ଦ ଲେଖ - ବଳକା ।

(ଘ) ଏକା ମାଘକେ __________ ଯାଏନା ।

(ଙ) ଯେଉଁ ବ୍ୟକ୍ତି ବିଜ୍ଞାନରେ ଗବେଷଣା କରନ୍ତି ତାଙ୍କୁ କ'ଣ କୁହାଯାଏ ?

4 ସମସ୍ତ ପ୍ରଶ୍ନର ଉତ୍ତର ଦିଅ । 1×5=5

(କ) ଗଂଗାଧର ମେହେରଙ୍କଦ୍ୱାରା ରଚିତ ଏକ କାବ୍ୟର ନାମ ଲେଖ ।

(ଖ) ପ୍ରକୃତିକୁ ସନ୍ତୁଷ୍ଟ କରିବା ପାଇଁ ଗୁମ୍ଫାମଣିଷ କ'ଣ କରୁଥିଲା ?

(ଗ) ପାହାଡ଼ ଉପରୁ ଗଡ଼ି ଆସୁଥିବା ପଥରରୁ କ'ଣ ବାହାରୁଛି ?

(ଘ) ଯେମିତି କ୍ଷମତାଥିଲେ କ୍ଷମତାଶାଳୀ ଠିକ୍ ସେହିପରି ବିତ୍ତଥିଲେ __________ ?

(ଙ) ପୃଥିବୀର ପ୍ରଥମ ଛାପା ପୁସ୍ତକ __________ ।

(i) ବାଇବେଲ୍ (ii) ଗୀତା (iii) ଭାଗବତ (iv) କୋରାନ୍

5 ସମସ୍ତ ପ୍ରଶ୍ନର ଉତ୍ତରଦିଅ । 1×5=5

(କ) କବି କାହାକୁ ଲକ୍ଷ୍ମୀ ସହିତ ତୁଳନା କରିଛନ୍ତି ?

(ଖ) 'ବର୍ଣ୍ଣ'ର ଦୁଇଟି ଅର୍ଥ ଲେଖ ।

(ଗ) ଦିଲ୍ଲୀଚିଠି କାହାର ରଚନା ?

(ଘ) ପିତାପୁତ୍ର କାହାର ରଚନା ?

(ଙ) ନାକେଦମ୍‌ର ଅର୍ଥ ଲେଖ ।

6 (କ) ଠିକ ବନାନଥିବା ଶବ୍ଦଟିକୁ ଚିହ୍ନାଇଦିଅ । 1×1=1

ପରଶ୍ରିକାତରତା, ପରଶ୍ରୀକାତରତା, ପରଶ୍ରୀକାତରଣ

(ଖ) 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ମିଳନ କର । 1×2=2

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ତ୍ରିଦଶ | ପତି |
| ସୁର | ଦେବତାୟେ |



UNNATI EDUCATIONS
For Solutions, Contact Us
9899436384, 9654279279

**7** ଯେକୌଣସି ୧୦ଟି ପ୍ରଶ୍ନର ଉତ୍ତରଦିଅ । 2×10=20

(କ) ମସୁରୀ ସଂପର୍କରେ ଲେଖକଙ୍କ ମତ ଉଲ୍ଲେଖ କର ।

(ଖ) ଲୋକମାନେ ରେଙ୍ଗୁନ ଭୂଇଁକୁ କାହିଁକି ଧାଇଁ ଯାଉଥିଲେ ?

(ଗ) କେଉଁ ସ୍ଥାନକୁ କବି ଉତ୍କଳଲକ୍ଷ୍ମୀଙ୍କ ବାସସ୍ଥାନରୂପେ ଗ୍ରହଣ କରିଛନ୍ତି ?

(ଘ) ବୁଢ଼ୀ ପୁଅକୁ କେତେବେଳେ ବୁଦ୍ଧି ବତେଇଦେଲା ?

(ଙ) ହବିଷ କାହାକୁ କୁହାଯାଏ ?

(ଚ) ନରଜୀବନେ କିଫଳ କହ ବିଶ୍ୱସେବା ଯେବେଟି ନାହିଁ, ବଞ୍ଚିବାର ଗୌରବ ଖାଲି ମାଟିରେ ମିଶିବା ପାଇଁ, ଏହା କେଉଁ କବିତାର ଅଂଶବିଶେଷ ?

(ଛ) ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳା ବର୍ଣ୍ଣନା କିଏ କାହାକୁ ଶୁଣାଇଥିଲେ ?

(ଜ) 'ଉତ୍କଳରାଟା' କାହାକୁ କୁହାଯାଉଥିଲା ?

(ଝ) ଗାଁର ଫୁଲ ଓ ଲତା କବିଙ୍କୁ କି ଦାନ ଦେଲା ?

(ଞ) ଗାଁ ଗାଁରେ ବୁଲି ଲକ୍ଷ୍ମଣ ନାଏକ କେଉଁ ଭାଷାରେ ଉଦ୍‌ବୋଧନ ଦେଇଥିଲେ ?

(ଟ) 'ଦୋନାବୁଡ଼ିଆରୀତି' କହିଲେ କ'ଣ ବୁଝାଯାଏ ?

(ଠ) କେଉଁ ପ୍ରବନ୍ଧରେ ଲେଖକ ନିଜକୁ ଗୋଠଖଣ୍ଡିଆ ବୋଲି କହିଛନ୍ତି ?

**8** ଯେକୌଣସି ୫ଟି ପ୍ରଶ୍ନର ଉତ୍ତରଦିଅ । **3×5=15**

(କ) ଭୋକିଲା ଚକୁଳିଆ ପଣ୍ଡା କେମିତି ଖାଦ୍ୟହାଣ୍ଡି ପ୍ରଥମେ ପାଇଲା ?

(ଖ) 'ଆଚାର୍ଯ୍ୟେ ଥିଲେ ବୋଲି' ଗଳ୍ପର ଆଚାର୍ଯ୍ୟ କିଏ ଓ ତାଙ୍କ ବ୍ୟକ୍ତିତ୍ୱ କିପରି ଥିଲା ବର୍ଣ୍ଣନା କର ?

(ଗ) ଦିଲ୍ଲୀଚିଠିରେ କିଏ କ'ଣ ଲେଖିଛନ୍ତି ?

(ଘ) ମଣିଷ ଜୀବନରେ ଭାଗବତର ଭୂମିକା କିପରି ରହିଛି ଲେଖ ?

(ଙ) ପ୍ରକାଶଭଙ୍ଗୀ ଦୃଷ୍ଟିରୁ ଉକ୍ତିକୁ କେତେ ଭାଗରେ ବିଭକ୍ତ କରାଯାଏ ଓ ତାହା କ'ଣ କ'ଣ ଲେଖ ?

(ଚ) ଅଣ୍ଟିଛୁରୀ ତଣ୍ଟିକାଟେ – ଭାବ ସଂପ୍ରସାରଣ କର ।

(ଛ) ତୁଳସୀ ଦୁଇ ପତ୍ରରୁ ବାସେ – ଭାବ ସଂପ୍ରସାରଣ କର ।



**UNNATI EDUCATIONS**
**For Solutions, Contact Us**
**9899436384, 9654279279**

9 ଓଡ଼ିଆରେ ଅନୁବାଦ କର 04

Student life is the stage of preparation for future. This is most important period of life. A student is young to-day, but he will be a man to-morrow.

10 ବାୟୁପ୍ରଦୂଷଣ (ପ୍ରବନ୍ଧ ରଚନା କର) 05

(କିମ୍ବା)

ଛାତ୍ରାବାସରେ ନୂଆକରି ରହିବାର ଅନୁଭୂତି ବର୍ଣ୍ଣନାକରି ମା'ଙ୍କ ନିକଟକୁ ପତ୍ରଲେଖ ।

11 ଭାବ ସଂକ୍ଷେପଣକର । 06

ଜୀବନର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହିଁ ବ୍ୟକ୍ତିକୁ ତା'ର ଭବିଷ୍ୟତ ଗଠନ ଦିଗରେ ସହାୟତା କରିଥାଏ । ଲକ୍ଷ୍ୟହୀନ ଜୀବନ, ଜୀବନ ନୁହେଁ । ଯାହାର କୌଣସି ଲକ୍ଷ୍ୟ ନାହିଁ ସେ ସମାଜର କୌଣସି ମଙ୍ଗଳ କେବେ କରିପାରେନା । ଯେଉଁ ସମାଜ ଆମକୁ ମଣିଷ କରିଛି, ଯେଉଁ ମାଟିର ଫଳ ଜଳ ଗ୍ରହଣ କରି ଆମର ଶରୀର ପରିପୁଷ୍ଟ ହୋଇଛି, ତାହାପାଇଁ କିଛି କାର୍ଯ୍ୟ କରିବା କେବଳ ଆମର ସାମାଜିକ କର୍ତ୍ତବ୍ୟ ନୁହେଁ, ନୈତିକ କର୍ତ୍ତବ୍ୟ ମଧ୍ୟ, ଏଥିପାଇଁ ବହୁପୂର୍ବରୁ ନିଜକୁ ପ୍ରସ୍ତୁତ ରଖିବା ଆବଶ୍ୟକ । ମୁଁ ମୋର ଭବିଷ୍ୟତ ଲକ୍ଷ୍ୟ ଆଦ୍ୟ ଯୌବନରେ ହିଁ ନିର୍ଦ୍ଦିଷ୍ଟ କରିଛି । ସେହିଲକ୍ଷ୍ୟ ପୂରଣ ପାଇଁ ମୁଁ ମୋର ନିରବଚ୍ଛିନ୍ନ ସାଧନାକୁ ବଳବତ୍ତର ରଖି ଚାଲିଛି ।

(କିମ୍ବା)

ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିବିଧ ପର୍ଯ୍ୟାୟ ସଂପର୍କରେ ଆଲୋକପାତ କର ।

---



**UNNATI EDUCATIONS**
**For Solutions, Contact Us**
**9899436384, 9654279279**